**ପୋଲିସ, ଡ୍ରଗ୍ ଇନ୍ସପେକ୍ଟରଙ୍କ ମିଳିତ ଚଢ଼ାଉ**

**ଯାଜପୁର ଟାଉନ,(ଡି.ଏନ.ଏ.):** ଯାଜପୁର ସହରରେ କରୋନା ଔଷଧ କଳାବଜାର ରୋକିବା ପାଇଁ ପୋଲିସ ଓ ଡ୍ରଗ୍ ଇନ୍ସପେକ୍ଟରଙ୍କ ପକ୍ଷରୁ ବୁଧବାର ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ଔଷଧ ଦୋକାନୀମାନେ ମାସ୍କ, ସାନିଟାଇଜର ଏବଂ କରୋନା ସମ୍ବନ୍ଧୀୟ ଔଷଧ ଉପରେ ଅଧିକ ଅର୍ଥ ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଢ଼ାଉରେ ଡ୍ରଗ୍ ଇନ୍ସପେକ୍ଟର ହରପ୍ରିୟା ମଲ୍ଲିକ ଓ ଯାଜପୁର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ସମେତ ବହୁ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ଅର୍ଦ୍ଧ ନିର୍ମିତ କଲଭର୍ଟରେ ପଡ଼ି ସାଧୁ ଗୁରୁତର

**ବରୀ,୨୧।୪(ଡି.ଏନ.ଏ.):** ବରୀ ବ୍ଲକ ଅଧୀନ ବାଲିଆପାଳ ହାଟରୁ ତାଳପଡ଼ିଆ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ କଲଭର୍ଟ ନିର୍ମାଣ କରାଯାଉଥିଲା। ତେବେ ଏହି କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଗ୍ରାମବାସୀ ବିରୋଧ କରିବା ସହିତ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଏହା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବାରୁ ପୂର୍ବରୁ ଏଠାରେ ଅଟୋ ଦୁର୍ଘଟଣା ଘଟିଥିଲା। ବୁଧବାର ପୁଣି କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ସାଧୁ ଏଠାରେ ପଡ଼ି ଗୁରୁତର ହୋଇଛନ୍ତି। ସେ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପ୍ରକାଶଯୋଗ୍ୟ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଏଠାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।

### ସ୍ମାର୍ଟ କ୍ଲାସରୁମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**ଜଗତ୍‌ସିଂହପୁର ଅଫିସ,୨୧।୪:** ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଅନ୍ତର୍ଭୁକ୍ତ ଆକାଙ୍କ୍ଷୀତ ବିଦ୍ୟାଳୟ ତାଲିକାରେ ଥିବା ଜଗତ୍‌ସିଂହପୁର ମାର୍କଣ୍ଡପୁରସ୍ଥିତ ବୃନ୍ଦାବନ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ କୋଭିଡ୍ କଟକଣା ମଧ୍ୟରେ ସ୍ମାର୍ଟ କ୍ଲାସ ରୁମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ କହିଥିଲେ, ରାଜ୍ୟ ସରକାର ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରୁ ୫-ଟି ଯୋଜନାରେ ଆକାଙ୍କ୍ଷୀତ ବିଦ୍ୟାଳୟ ଯୋଜନା ଯୁଗାନ୍ତକାରୀ ଓ ଅଭିନବ। ଏହି ଯୋଜନାରେ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ସହ ଶୈକ୍ଷିକ ବାତାବରଣ ସୁବ୍ୟବସ୍ଥିତ ହୋଇପାରିବ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିନିଯୋଗ ପୂର୍ବକ ଶିକ୍ଷା ଆନନ୍ଦଦାୟୀ ଓ ଗ୍ରହଣୀୟ ହେବା ସଙ୍ଗେସଙ୍ଗେ ଚିରନ୍ତନ ଓ ନିରନ୍ତର ହୋଇପାରିବ। ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ବ୍ୟବସ୍ଥିତ ଶୌଚାଳୟ ଓ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଭଳି ଶିକ୍ଷଣ କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ତାଲିମ ଦେବାକୁ ସରକାର ନିଷ୍ପତ୍ତି ନେବେ ବୋଲି ଜିଲାପାଳ କହିଥିଲେ। ରାଜ୍ୟର ୧୦୦ଟି ମଧ୍ୟରୁ ଜଗତ୍‌ସିଂହପୁର ଜିଲାର ୧୦ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ସମ୍ପାଦନ ହେବାକୁ ଯାଉଛି। ଯେଉଁଥିରେ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଅନ୍ୟତମ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା କ୍ରୀଡା ସଙ୍ଗଠନର ସଭାପତି ଦୋଳଗୋବିନ୍ଦ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ତ୍ରିଲୋଚନ ସାହୁ, ଆଲୁମିନି କମିଟି ସଭାପତି ବିଶ୍ୱମ୍ଭର ରାଉତ ଯୋଗଦେଇ ସରକାରଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଭାସ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଆଲୁମିନି କମିଟି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଉଦୟପୁରରେ ହନୁମାନ ଜୟନ୍ତୀ

**ଦଶରଥପୁର,୨୧।୪(ଡି.ଏନ.ଏ.):** ଦଶରଥପୁର ବ୍ଲକ ଅଧୀନ ଚମ୍ପେଇପାଳ ପଞ୍ଚାୟତ ପଞ୍ଜରାସାହି ଉଦୟପୁର ଗାଁରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା ସହ ବ୍ରାହ୍ମଣମାନଙ୍କଦ୍ୱାରା ନିରାଡ଼ମ୍ବର ସହକାରେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। କର୍ତ୍ତାଭାବେ ଗୋବର୍ଦ୍ଧନ ବାରିକ କାର୍ଯ୍ୟ ସମ୍ପାଦନା କରିଥିଲେ। ନିରାକାର ଜେନା, ଅଜିତ ଗିରି, ପ୍ରସନ୍ନ ନାୟକ, କୁନା ନାୟକ, ପ୍ରଶାନ୍ତ ପରିଡ଼ା, ଲୋକନାଥ ଦାସ ଓ ସୌମ୍ୟରଞ୍ଜନ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟ କୋଭିଡ୍ କଟକଣା ମାନି କରାଯାଇଥିଲା।

### ଅମରେଶ୍ୱର ପୀଠରେ ନବରାତ୍ର

**ବଡ଼ଚଣା,୨୧।୪(ଡି.ଏନ.ଏ.):** ରାମନବମୀ ଅବସରରେ ଛତିଆସ୍ଥିତ ଅମରେଶ୍ୱର ପୀଠରେ ୯ଦିନ ବ୍ୟାପି ସୁନ୍ଦରକାଣ୍ଡ ଓ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ମନ୍ଦିରରେ ନବରାତ୍ର ପୂଜା, ଚଣ୍ଡିପାଠ ଓ ହୋମଯଜ୍ଞ ହୋଇଥିଲା। ରାମଚନ୍ଦ୍ର ନାଥ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୁଧବାର କୋଭିଡ୍ କଟକଣା ଅନୁସାରେ ସ୍ୱଳ୍ପ ଭକ୍ତଙ୍କ ଗ୍ରହଣରେ ପୂର୍ଣ୍ଣାହୁତି ହୋଇଛି।

# ନିରାମୟ ଯୋଜନା ପ୍ରହସନ

**ଯାଜପୁର ରୋଡ୍, ୨୧।୪**




ମେଡିକାଲ ପରିସରରେ ଘରୋଇ ଔଷଧ ଦୋକାନ ରହିଛି।

**ଯାଜପୁରରୋଡ୍ ସିଏଚ୍‌ସି**

- ଡାକ୍ତରଖାନା ପରିସରରେ ଘରୋଇ ଔଷଧ ଦୋକାନ

ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପରିସରରେ ଘରୋଇ ଔଷଧ ଦୋକାନ ରହିବା ଯୋଗୁ ରାଜ୍ୟ ସରକାରଙ୍କ ନିରାମୟ ଯୋଜନା ପ୍ରତିହତ ହେଉଛି। ଗରିବ ଶ୍ରେଣୀର ରୋଗୀମାନଙ୍କୁ କେତେଜଣ ଡାକ୍ତର ନିରାମୟ ଯୋଜନାରେ ଔଷଧ ନ ଦେଇ ବାହାରେ କିଣିବାକୁ ପରାମର୍ଶ ଦେଉଛନ୍ତି। ଫଳରେ ସମ୍ପୃକ୍ତ ରୋଗୀ ଅଧିକ ଖର୍ଚ୍ଚାନ୍ତ ହେବା ସହ ନିରାମୟ ଯୋଜନାରୁ ବଞ୍ଚିତ ରହୁଛନ୍ତି। ସମସ୍ତଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗର ଯୁଗ୍ମସଚିବ ୨୭।୨।୨୦୧୫ରୁ କ୍ୟାମ୍ପସରେ ମେଡିସିନ୍ ଷ୍ଟୋରକୁ ବାରଣ (ପତ୍ରସଂଖ୍ୟା ୪୫୩୮) କରିଥିଲେ ହେଁ ତାହା ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗୁ ହୋଇପାରିନାହିଁ। ଏହି ନିର୍ଦ୍ଦେଶର ୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୋକ୍ଷରେ କ୍ୟାମ୍ପସ ମେଡିସିନ୍ ଷ୍ଟୋରକୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ଡାକ୍ତରଖାନା ପରିସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ ମାତ୍ର ୨୦୦ ବର୍ଗଫୁଟ ଜମିରେ ଔଷଧ ଦୋକାନ ନିର୍ମାଣ କରିବାକୁ ଅନୁମତି ମିଳିଥିଲା। କିନ୍ତୁ ସେଠାରେ ପ୍ରାୟ ୨ ହଜାର ବର୍ଗଫୁଟ ଜମିରେ ଔଷଧ ଦୋକାନ ନିର୍ମାଣ ହୋଇଛି। ଫଳରେ ଡାକ୍ତରଖାନାର ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ତାହା ପ୍ରତିବନ୍ଧକ ସାଜିଛି। ଏପରିକି ରୋଗୀ କଲ୍ୟାଣ ସମିତି ବୈଠକରେ ଉକ୍ତ ଔଷଧ ଦୋକାନକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ପ୍ରେସ୍କ୍ରିପଶନ ଲେଖିବା ସମୟରେ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ଔଷଧ ଲେଖିବାକୁ କଡ଼ା ତାଗିଦ କରିଛନ୍ତି। କିନ୍ତୁ ଯାଜପୁର ରୋଡ୍ ସିଏଚ୍‌ସିରେ ତାହା ପାଳନ ହେଉନାହିଁ। ଡାକ୍ତରଖାନା ପରିସରରେ ଔଷଧ ଦୋକାନକୁ ହଟାଇବାକୁ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗର ନିର୍ଦ୍ଦେଶ ପରେ ସମ୍ପୃକ୍ତ ଔଷଧ ଦୋକାନ ମାଲିକ ୨୦୧୮ରେ ହାଇକୋର୍ଟର ଦ୍ୱାରସ୍ଥ ହୋଇ ସ୍ଥଗିତାଦେଶ ଆଣିଥିଲେ। ତେବେ ଏହି ସ୍ଥଗିତାଦେଶ ବିରୋଧରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନୈରାଶ୍ୟଜନକ ରହିଥିବା ଅଭିଯୋଗ ହେଉଛି। ଏନେଇ ସିଏଚ୍‌ସିର ମେଡିକାଲ ଅଫିସର ଡା. ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି ଡାକ୍ତରଖାନା ପରିସରରେ ଔଷଧ ଦୋକାନ ରହିବା ଉଚିତ୍ ନୁହେଁ। ଏହା ନିରାମୟ ଯୋଜନାକୁ ପ୍ରଭାବ ପକାଉଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଡା. ପୃଷ୍ଟି କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍‌ଓ ସୁଧାଂଶୁଶେଖର ବଳଙ୍କୁ ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

ଅନ୍ୟପକ୍ଷରେ ସରକାର ମାଗଣାରେ ରକ୍ତ, ମୂତ୍ର, ମଳ, କଫ୍ ଓ ଅନ୍ୟାନ୍ୟ ପରୀକ୍ଷା କରିବା ସହିତ ସମସ୍ତ ପ୍ରକାର ଔଷଧ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଏନେଇ ବିଭିନ୍ନ କ୍ଷେତ୍ରରେ ସରକାରୀ ଭାବେ ପ୍ରଚାରପ୍ରସାର କରାଯାଉଛି। ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେତେକାଂଶରେ ରୋଗୀଙ୍କୁ ଏସବୁ ସୁବିଧା ମିଳି ପାରୁନାହିଁ। ଏଣୁ ପ୍ରତିଦିନ ବହୁ ରୋଗୀ ବାହାର ପାଥୋଲାବକୁ ଯାଉଥିବା ଦେଖିବାକୁ ମିଳୁଛି। ଏହି ଡାକ୍ତରଖାନାରେ ପରୀକ୍ଷାଗାର ରହିଥିଲେ ହେଁ ରୋଗୀଙ୍କୁ ଜାଣିଶୁଣି ଅଧିକ ଖର୍ଚ୍ଚାନ୍ତ ଆଡକୁ ଠେଲି ଦିଆଯାଉଛି। ଏଥିରୁ ସରକାରଙ୍କ ମାଗଣା ସେବାକୁ ଡାକ୍ତରଖାନାରେ ବିକ୍ରି କରି ଦିଆଯାଉଥିବା ମନେ ହେଉଛି।

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ବିଞ୍ଝାରପୁର,୨୧।୪(ଡି.ଏନ.ଏ.)**

**୫୦ ବର୍ଷୀୟ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ**

ବିଞ୍ଝାରପୁର ଥାନା ବିତନା ପଞ୍ଚାୟତସ୍ଥିତ ଇଲେକ୍ଟ୍ରି ଷ୍ଟ୍ରକଚ୍‌ର ନିକଟ ଏକ ବରଗଛରୁ ବୁଧବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଚିକଣା ପଞ୍ଚାୟତ ଡିଆଚିକିରି ଗ୍ରାମର ଦେବଦତ୍ତ ବେହେରା ଓରଫ୍ ଟୁନା (୫୦)। ଦେବଦତ୍ତଙ୍କ ମୃତଦେହ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଅଳକୁଣ୍ଡ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୧)ରୁଜୁ ହୋଇଛି। ଅନ୍ୟପକ୍ଷରେ ଦେବଦତ୍ତଙ୍କୁ କେହି ହତ୍ୟାକରି ଗଛରେ ଟାଙ୍ଗି ଦେଇଥିବା ତାଙ୍କ ସାନଭାଇ ଜିତେନ୍ଦ୍ର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ଦେବଦତ୍ତ ବିତନା ଗୋପବନ୍ଧୁ ନଗରଠାରେ ଏକ ଟେଲର ଦୋକାନ କରିଥିଲେ। କୌଣସି କାରଣରୁ ଏକ ମାସ ହେଲା ଦୋକାନ ବନ୍ଦ ଥିଲା। ସେ ପୁନର୍ବାର ଦୋକାନ ଖୋଲିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଯାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକ ଭାବିଥିଲେ ବିତନାରେ ଥିବା ସମ୍ପର୍କୀୟଙ୍କ ଘରେ ଦେବଦତ୍ତ ରହିଯାଇଥିବେ। କିନ୍ତୁ ସେପରି କିଛି ହୋଇ ନ ଥିଲା। ସକାଳେ ତାଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ମୃତଦେହ ବ୍ୟବଚ୍ଛେଦ ହୋଇ ଫେରିଲା ପରେ ପରିବାର ଲୋକ ଦେବଦତ୍ତଙ୍କ ପକେଟରୁ ଏକ ପର୍ସ ପାଇଥିଲେ। ସେଥିରେ ଏକ କାଗଜ ଥିଲା, ଯେଉଁଥିରେ କିଛି ଲୋକଙ୍କ ନାମ ଲେଖାଯାଇଛି। ଉକ୍ତ ଲୋକମାନେ ଦେବଦତ୍ତଙ୍କୁ ମାରିଦେବାକୁ ବାରମ୍ବାର ଧମକ ଦେଉଥିଲେ। ତେଣୁ ଦେବଦତ୍ତଙ୍କ ମୃତ୍ୟୁ ପାଇଁ ଏମାନେ ଦାୟୀ ବୋଲି ଦେବଦତ୍ତଙ୍କ ପରିବାର ଥାନାରେ ଜଣାଇଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଗଣେଶଚନ୍ଦ୍ର ଘଡ଼ାଇ କହିଛନ୍ତି, ମୃତଦେହ ଜବତ ବେଳେ ସେ ଦେବଦତ୍ତଙ୍କ ପକେଟ ଖୋଜିଥିଲେ। ହେଲେ କିଛି ପାଇ ନ ଥିଲେ। ତେଣୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଘଡ଼ାଇ ପ୍ରକାଶ କରିଛନ୍ତି।

# ୨୦ କେଜି ହରିଣ ମାଂସ ଜବତ

**ମହାକାଳପଡ଼ା,୨୧।୪(ଡି.ଏନ.ଏ.)**




ମାଂସ ଚାଲାଣ ହେଉଥିବା ଅଟୋରିକ୍ସା। ଅଟକ ଚାଳକ ପ୍ରଦୀପ ଦାସ।

- ପଲିଥିନରେ ବନ୍ଧା ହୋଇ ବିକ୍ରି ପାଇଁ ଯାଉଥିଲା
- ଅଟୋରିକ୍ସା ଚାଳକ ଅଟକ
- ବେପାରୀ, ଗ୍ରାହକ ଫେରାର

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବନ୍ୟ ଜୀବଜନ୍ତୁ ମାଂସ ପଲିଥିନରେ ବନ୍ଧା ଯାଇ ଅଟୋରିକ୍ସାରେ ଅନ୍ୟତ୍ର ଚାଲାଣ କରାଯାଉଛି । ବନ ବିଭାଗ ଏ ସଂକ୍ରାନ୍ତରେ ଜାଣିପାରୁ ନାହିଁ। ଫଳରେ ପ୍ରତିଦିନ ନିରୀହ ପ୍ରାଣୀଙ୍କ ଜୀବନ ଯାଉଛି । ବୁଧବାର ସକାଳେ ଏକ ଅଟୋରିକ୍ସାରୁ ୨୦କେଜିରୁ ଉର୍ଦ୍ଧ୍ୱ ହରିଣ ମାଂସ ଗ୍ରାମବାସୀ ଧରିବା ପରେ ବନ ବିଭାଗର ଚିନ୍ତା ବଢ଼ିଛି । ଏହି ଘଟଣାରେ ବେପାରୀ ଓ ଗ୍ରାହକମାନେ ଫେରାର ହୋଇଯାଇଛନ୍ତି । ଅଟୋରିକ୍ସା ଚାଳକ ଖରିନାସୀ ଗ୍ରାମର ପ୍ରଦୀପ ଦାସ(୩୦)ଙ୍କୁ ବନବିଭାଗ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳେ ଏକ ଅଟୋରିକ୍ସାରେ ପଲିଥିନ୍‌ରେ ବନ୍ଧା ହୋଇଥିବା ହରିଣ ମାଂସ ବହାକୁଦ ଫେରିଘାଟ ଦେଇ ପାରାଦୀପ ପଠାଯାଉଥିଲା । ସ୍ଥାନୀୟ କୋଟିଳା ଓ କେନ୍ତିଆ ଗ୍ରାମ ନିକଟ ରାସ୍ତାରେ ଅଟୋରିକ୍ସାଟି ଯାଉଥିଲା। ଗାଁର ଯୁବକମାନେ ଅଟୋରିକ୍ସାକୁ ଅଟକାଇ ଥିଲେ । ସେଥିରେ ଥିବା ୨ ମାଂସ ବେପାରୀ ଓ କେତେଜଣ ଗ୍ରାହକ ଫେରାର ହୋଇଯାଇଥିଲେ। ଚାଳକଙ୍କୁ ଯୁବକମାନେ ଧରି ବନ ବିଭାଗ କର୍ମଚାରୀଙ୍କ ଜିମା ଦେଇଥିଲେ। ଅଟୋ ଚାଳକ ପ୍ରଦୀପଙ୍କ ସୂଚନା ଅନୁଯାୟୀ, ଅଟୋରିକ୍ସାରେ ୨ ବ୍ୟାଗ୍‌ରେ ୨୦କେଜିରୁ ଉର୍ଦ୍ଧ୍ୱ ହରିଣ ମାଂସ ଥିଲା । ସେହି ମାଂସକୁ ୧କେଜି ଲେଖାଏ ଓଜନ କରି ପଲିଥିନରେ ବନ୍ଧା ଯାଇଥିଲା । ବିଭିନ୍ନ ସ୍ଥାନରେ କେଜି ପ୍ରତି ୩ଶହ ଟଙ୍କାରେ ବିକ୍ରି କରାଯାଉଥିଲା। କେନ୍ତିଆ ଗାଁ ଛକ ନିକଟରେ କେତେଜଣ ଗ୍ରାହକ ମାଂସ ନେବା ପାଇଁ ଅପେକ୍ଷା କରିଥିଲେ । ଖରିନାସି ଗାଁର ହାରଧନ ରକ୍ଷିତ ୫୦୦ ଟଙ୍କା ଭଡ଼ାରେ ମୋ ଅଟୋରିକ୍ସାରେ ମାଂସ ନେଉଥିଲେ । ଆଜିକୁ ମିଶାଇ ମୁଁ ତିନି ଥର ଭଡା ନେଇ ମାଂସ ଆଣିଛି ବୋଲି ସେ କହିଛନ୍ତି ।

ଏ ନେଇ ଜମ୍ବୁ ବନ ବିଭାଗ ରେଞ୍ଜ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳ କହିଛନ୍ତି, ହରିଣ ମାଂସ ଚୋରା ଚାଲାଣ ଘଟଣାରେ ଅଟକ ଅଟୋରିକ୍ସା ଚାଳକଙ୍କୁ କୋର୍ଟ ଚାଲାଣ କରାଯିବ। ଜବତ ମାଂସକୁ ପୋତି ଦିଆଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧/୨୧)ରେ ରୁଜୁ ହୋଇଛି।

# ଘରୁ ଟଙ୍କା, ଅଳଙ୍କାର ଚୋରି ଘଟଣାରେ ୨ ଅଟକ

**ବିରିଡି,୨୧।୪ (ଡି.ଏନ.ଏ.)**

ବିରିଡି ଥାନା ବସନ୍ତପୁର ଛକ ନିକଟ ଶଢେଇଶାସନ ଗ୍ରାମର କଟକ-ଜଗତ୍‌ସିଂହପୁର ଜାତୀୟ ରାଜପଥ-୫୫ କଡରେ ଥିବା ତରୁଣ କୁମାର ଦାସଙ୍କ କମ୍ପ୍ୟୁଟର କେନ୍ଦ୍ରର ତଳ ମହଲାରେ ତାଙ୍କ ପରିବାର ଭଡାସୂତ୍ରରେ ରହନ୍ତି। ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘର କବାଟ ଭାଙ୍ଗି ପଶିବା ସହ ଟଙ୍କା ଓ ଅଳଙ୍କାର ଚୋରି କରିଥିଲେ। ଏ ନେଇ ତରୁଣ ବୁଧବାର ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ନଂ.୭୩/୨୧ରେ ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇଛି। ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଦୁର୍ବୃତ୍ତମାନେ ଗୋଦ୍‌ରେଜରୁ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା, ୨ ସୁନାମୁଦି, ୧ହଳ କାନଫୁଲ, ୧ଟି ଚେନ୍ ଲୁଟି ନେଇଛନ୍ତି। ପରେ ଅନ୍ୟ ଏକ ଘରେ ପ୍ରବେଶ କରି ଅନ୍ଧାରରେ ତାଙ୍କ ସ୍ତ୍ରୀ ବେକରେ ସୁନାଥିବା ଆଶାରେ ହାତ ମାରିବାରୁ ସପରିବାର ପାଟିତୁଣ୍ଡ କରି ଉଠି ପଡିଥିଲେ। ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୌଡି ପଳାଇଥିଲେ।

# ପାନୀୟ ଜଳ ସଙ୍କଟ: ମହିଳାଙ୍କ ପ୍ରତିବାଦ



ପାନୀୟ ଜଳ ମିଳୁ ନ ଥିବାରୁ ମହିଳାମାନେ ଗରା,ବାଲ୍‌ଟି ରଖି ପ୍ରତିବାଦ କରୁଛନ୍ତି।

**ଧର୍ମଶାଳା,୨୧।୪ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଣ୍ଡିଆ ପଞ୍ଚାୟତ ଖରିଲୋ ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ପାଇପ ଯୋଗେ ପାଣି ଯୋଗାଇ ଦେବା ଲାଗି ଅଣ୍ଡିଆର ଶ୍ୟାମସୁନ୍ଦରପୁରରେ ପ୍ରକଳ୍ପ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁ କିଛିଦିନ ପରେ ଏହା ଅଚଳ ହୋଇପଡିଛି। ପାନୀୟ ଜଳ ସମସ୍ୟାର ସମାଧାନ ଦାବିରେ ବୁଧବାର ଗ୍ରାମର ମହିଳାମାନେ ଗରା, ବାଲଟି ଧରି ପାନୀୟ ଜଳ ପ୍ରକଳ୍ପ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଦୀର୍ଘବର୍ଷ ହେବ ଗ୍ରାମବାସୀ ଜଳ ସମସ୍ୟା ଦେଇ ଗତି କରୁଛନ୍ତି। ଗାଁରେ ୭ ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ଏଠାରେ ୩ ଟି ନଳକୂପ ରହିଛି। ସେଥିମଧ୍ୟରୁ ୨ ନଳକୂପ ଅଚଳ ହୋଇ ପଡିଛି। ଫଳରେ ଗାଁର ମହିଳାମାନେ ମତଗୁଞ୍ଜାର ନାଳ ଓ ବ୍ରାହ୍ମଣୀ ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି। ଏହାର ସମାଧାନ ପାଇଁ ଗ୍ରାମବାସୀ ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳୁନାହିଁ। ଖରାର ପ୍ରକୋପ ଦିନକୁ ଦିନ ବଢୁଥିବା ବେଳେ ପାନୀୟ ଜଳ ସଙ୍କଟ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଗ୍ରାମରେ ଦେଖାଦେଇଥିବା ପାଣି ସମସ୍ୟାର ତୁରନ୍ତ ସମାଧାନ କରିବା ସହିତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କଣ୍ଟିଗଡ଼ିଆ ବଡ଼ପୋଖରୀ ପରିଦର୍ଶନ କଲେ ବିଧାୟକ

**ଧର୍ମଶାଳା,୨୧।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କଣ୍ଟିଗଡିଆ ବଡପୋଖରୀ ପରିଦର୍ଶନ କରିଛନ୍ତି ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ। ବୁଧବାର ବିଧାୟକ ଦ୍ୱୟ ଏହି ପୋଖରୀ ପରିଦର୍ଶନ କରିବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପୁରାତନ ପୋଖରୀକୁ ପୁନରୁଦ୍ଧାର କରାଯାଇ ସୌନ୍ଦର୍ଯ୍ୟକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲାର କୁସୁମା ପୋଖରୀ ଭଳି ଏହାର ରୂପରେଖ କରିବାକୁ ବିଧାୟକ ଦ୍ୱୟ ଅଣ୍ଟା ଭିଡିଛନ୍ତି। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ତହସିଲଦାର ପ୍ରଶାନ୍ତ ସାମନ୍ତରାୟ, ବିଡିଓ ଅରବିନ୍ଦ ବେହେରାଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର




ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ଅନ୍ୟମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

**ରସୁଲପୁର,୨୧।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବ୍ଲକର ଏକମାତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ କାୟାକଳ୍ପ ପୁରସ୍କାର ହାସଲ କରିଛି। ପୁରସ୍କାର ବାବଦକୁ ୨ଲକ୍ଷ ଟଙ୍କାର ଚେକ୍ ସହ ଏକ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି ବୋଲି ଡାକ୍ତର ଦେବସ୍ମିତା ରାଉତରାୟ ପ୍ରକାଶ କରିଛନ୍ତି। ଜିଲା ତାଲିମ କେନ୍ଦ୍ର ଯାଜପୁରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ଅନୁପ କୁମାର ନାଥଶର୍ମାଙ୍କଠାରୁ ଡା. ରାଉତରାୟ ଓ ଅନ୍ୟ ସହଯୋଗୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରକାଶଯୋଗ୍ୟ, ଚଳିତବର୍ଷ ଜାନୁୟାରୀରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଡାକ୍ତରଖାନା ପରିଚାଳନାର ବିଭିନ୍ନ ମାନଦଣ୍ଡ ନେଇ ଏକ ସର୍ଭେ ହୋଇଥିଲା। ମାନ ନିର୍ଦ୍ଧାରଣ କମିଟି ମେଡିକାଲ ପରିସର ପରିଦର୍ଶନକରି ସର୍ଭେ କରିଥିଲେ। ଏଥିରେ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ କ୍ଷେତ୍ରରେ ଶତକଡ଼ା ୭୦ଭାଗରୁ ଅଧିକ ମୂଲ୍ୟାୟନ ମିଳିଥିଲା। ସେହିପରି ଲକ୍ଷ୍ମୀନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କମେଣ୍ଡବଲ ପୁରସ୍କାର ପାଇଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ହଜରା ଟଙ୍କା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି।

# ଛତୁଚାଷ କରି ୨୦୦ ପରିବାର ସ୍ୱାବଲମ୍ବୀ

- କରୋନା ସଂକ୍ରମଣ ରୋଜଗାରର ବାଟ ଦେଖାଇଲା
- ମାସକୁ ଅନ୍ୟୂନ ୭ ହଜାର ଟଙ୍କା ଘରକୁ ଆସୁଛି

**କେନ୍ଦ୍ରାପଡ଼ା ଅଫିସ, ୨୧।୪**



ରାଜନଗର ପଦନୀ ଗାଁର ଏକ ଛତୁ ଫାର୍ମରେ ମହିଳା।

କରୋନା ସଂକ୍ରମଣ ଓ କର୍ମ ନିଯୁକ୍ତିକୁ ନେଇ କେନ୍ଦ୍ରାପଡ଼ା ଜିଲାବାସୀ ସଂଘର୍ଷ କରୁଛନ୍ତି। କରୋନା ସଂକ୍ରମଣ ଆରମ୍ଭ ପରେ ୨୦୨୦ରେ ଜିଲାର ପ୍ରାୟ ୩ ଲକ୍ଷ ପ୍ରବାସୀ ଘରକୁ ଫେରିଥିଲେ। ଇତିମଧ୍ୟରେ ବହୁ ଯୁବତୀଯୁବକ କର୍ମନିଯୁକ୍ତି ଆଶାରେ ପ୍ରବାସକୁ ଫେରି ଯାଇଥିଲେ। ହେଲେ ଏବେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ସେମାନଙ୍କୁ ଚିନ୍ତାରେ ପକାଇଛି। ପ୍ରବାସରୁ ଘରକୁ ଫେରିଥିବା ରାଜନଗରର କେତେଜଣ ଯୁବତୀ ଓ ମହିଳା ଛତୁ ଚାଷ କରି ସଫଳ ହୋଇଛନ୍ତି। ୨୦୦ରୁ ଉର୍ଦ୍ଧ୍ୱ ପରିବାର ମହିଳାମାନେ ଏହି ଚାଷ କରି ମାସିକ ୭ ହଜାରରୁ ଅଧିକ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। କରୋନା ସଂକ୍ରମଣ ସମୟରେ ଛତୁଚାଷ ତାଙ୍କ ପାଇଁ ଆର୍ଶୀବାଦ ପାଲଟିଥିବା ସେମାନେ କହିଛନ୍ତି । ରାଜନଗର ଅଞ୍ଚଳର ପଦନୀ ରାଉତ, ଅମିତା ଦାସ, ସ୍ୱର୍ଣ୍ଣଲତା ଦାସ, ସରସ୍ୱତୀ ବେହେରା ପ୍ରମୁଖ କୁହନ୍ତି, ଜିଲାରେ କର୍ମନିଯୁକ୍ତି ଏକ ସ୍ୱପ୍ନ ପରି। ଏଥିପାଇଁ ଆନ୍ଧ୍ରପ୍ରଦେଶରେ ରହି ଏକ ଚିଙ୍ଗୁଡି ଘେରିରେ କାର୍ଯ୍ୟ କରୁଥିଲୁ। ତେବେ ଗତବର୍ଷ କରୋନା ସଂକ୍ରମଣ ଆରମ୍ଭ ହେବାରୁ ଚିଙ୍ଗୁଡି ଘେରି ବନ୍ଦ ହୋଇଗଲା। ଘରକୁ ଫେରିବା ପରେ ପରିବାର ଭରଣ ପୋଷଣ ଏକ ସମସ୍ୟା ହେଲା। ଏହି ସମୟରେ ଓଡ଼ିଶା ଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଛତୁ ଚାଷ ପାଇଁ ପ୍ରୋତ୍ସାହନ ମିଳୁଥିବା ନେଇ ଆଲୋଚନା ହେଲା। ଏ ନେଇ ଗ୍ରାମର ମହିଳା ଓ ଯୁବତୀ ଏକାଠି ହୋଇ ୨୦୨୦ ଜୁଲାଇରୁ ଛତୁ ଉତ୍ପାଦନ କାର୍ଯ୍ୟରେ ଲାଗିଥିଲେ। ବିକ୍ରି ପରେ ମାସକୁ ପ୍ରାୟ ୭ ହଜାର ଟଙ୍କା ରୋଜଗାର ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ସେମାନେ କହିଥିଲେ, ସାମ୍ପ୍ରତିକ ସମୟରେ ନିରାମିଷ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢ଼ିଛି। ଛତୁରେ ଲୌହସାର ସହିତ ପ୍ରଚୁର ଭିଟାମିନ ଅଛି। ଖାଦ୍ୟ ଭାବେ ଏହା ସଭିଙ୍କ ପ୍ରିୟ। ତେବେ ବର୍ଷ ସାରା ଛତୁ ମିଳୁ ନ ଥିବାରୁ ଲୋକମାନେ ବର୍ଷାଦିନ ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ପାଳଛତୁ ଉତ୍ପାଦନ ଏହି ସମସ୍ୟାର ସମାଧାନ କରିଛି। ଛତୁ ଚାଷ ନେଇ କେତେଜଣ ମହିଳା ୨୦୧୬ରେ ତାଲିମ ନେଇଥିଲେ। ଏହି ତାଲିମ କରୋନା ସଂକ୍ରମଣ ସମୟରେ କାମରେ ଲାଗିଛି। ଏହି ଚାଷ ରାଜନଗର ବ୍ଲକ ଅଞ୍ଚଳର କେତେକ ଗ୍ରାମରେ ଦେଖିବାକୁ ମିଳୁଛି। ବଜାରରେ ଏବେ ପାଳଛତୁ ୨୦୦ରୁ ୨୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଏହା ବ୍ୟତୀତ ବ୍ୟବସାୟୀମାନେ ଘର ନିକଟରୁ କି.ଗ୍ରା. ପ୍ରତି ୧୮୦ ଟଙ୍କାରେ କିଣି ନେଉଛନ୍ତି। ତେବେ ଏହି ଚାଷରେ ସମୟ ଅସମୟରେ କ୍ଷତି ହେଉଛି। ଦିନକୁ ଦୁଇଥର ବେଡରୁ ଛତୁ ତୋଳା ଯାଇ ବିକ୍ରି ନ ହେଲେ ନଷ୍ଟ ହେଉଛି। ବେଳେବେଳେ ଅଧା ଦାମ୍‌ରେ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ପଡୁଛି। ପ୍ରତି ପଞ୍ଚାୟତରେ ଏସ୍‌ଏଚ୍‌ଜିଙ୍କ ଉତ୍ପାଦ ବିକ୍ରି ପାଇଁ ମଣ୍ଡି ଗୃହ ନିର୍ମାଣ ହେଲେ ସମସ୍ୟାର କିଛିମାତ୍ରାରେ ସମାଧାନ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କୁ ପଚାରିବାରେ ଏସ୍‌ଏଚ୍‌ଜିଙ୍କୁ ଛତୁ ଫାର୍ମ ପାଇଁ ଆବଶ୍ୟକ ତାଲିମ, ଜୀବିକା ମିଶନ ପକ୍ଷରେ ସବ୍‌ସିଡି ସହ ଋଣ ଅର୍ଥ ଯୋଗାଇ ଦିଆଯାଉଛି। ଏହାଦ୍ୱାରା କର୍ମନିଯୁକ୍ତି ସହ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ବୋଲି ସେ କହିଛନ୍ତ। ମିଶନ ଶକ୍ତି ପ୍ରକଳ୍ପ ପରିଚାଳକ କୈଳାସ ସେନାପତି କହିଛନ୍ତି, ଜିଲାର ୨୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ମଣ୍ଡି ସ୍ଥାପନ ପାଇଁ ପ୍ରକ୍ରିୟା ଜାରି ରହିଛି।



**କରୋନାରେ ପୁଣି ୬୬ ଆକ୍ରାନ୍ତ**

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ବୁଧବାର ୬୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୯ରେ ପହଞ୍ଚିଛି ।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

**ନୟାଗଡ଼ ଅଫିସ/ରଣପୁର,୨୧।୪ (ସ୍ୱ.ପ୍ର.):** ବୁଧବାର ମଧ୍ୟାହ୍ନରେ ରଣପୁର ମଣିନାଗ ପାହାଡ ପାଦଦେଶରୁ ଗଛରେ ଝୁଲୁଥିବା ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ରଣପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ମୃତକ ହେଲେ ସୁବାସ ଚନ୍ଦ୍ର ରାଉତରାୟଙ୍କ ସ୍ତ୍ରୀ ମାନସୀ (୩୭) । ତାଙ୍କ ଘର ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତ ଗୋଲାପୋଖରୀ ଗାଁରେ । ମାନସୀ ସ୍ୱାମୀଙ୍କ ସହ ଝଗଡ଼ା କରି ବୁଧବାର ଗଛରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି।

### ନାବାଳିକା ଅପହରଣ ଅଭିଯୋଗ

**ନୟାଗଡ଼ ଅଫିସ,୨୧।୪:** ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳରୁ ଜଣେ ୧୭ ବର୍ଷର ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ପରିବାର ପକ୍ଷରୁ ବହୁ ଖୋଜା ଖୋଜି ପରେ ତାଙ୍କ ଟେର ମିଳି ନ ଥିଲା । ଗତ ୧୭ ତାରିଖ ରାତିରେ ମାଧପୁରର ଚନ୍ଦନ ଦାସ ତାଙ୍କୁ ଅପହରଣ କରି ନେଇଥିବା ଜଣାପଡିବା ପରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଚନ୍ଦନଙ୍କ ବିରୋଧରେ ଏକ ମାମଲା(ନଂ. ୭୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ରଙ୍ଗଦେଉଳିରେ ବଧୂ ହତ୍ୟା

**ନୟାଗଡ଼ ଅଫିସ,୨୧।୪:** ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ରଙ୍ଗଦେଉଳି ଗ୍ରାମରେ ରଶ୍ମିତା ସାହୁ(୨୬) ନାମକ ଜଣେ ମହିଳାଙ୍କୁ ବୁଧବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ନୟାଗଡ଼ ଟାଉନ ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସ୍ୱାମୀ ଦୀପକ ସାହୁଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି । ରଶ୍ମିତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଡାକ୍ତରଖାନାରେ ବୁଧବାର ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରଣପୁର ଥାନାରେ ଅଭିଯୋଗ ପରେ ଗୁରୁବାର ସ୍ଥାନୀୟ ପୋଲିସ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ନୟାଗଡ଼ ଟାଉନ ଥାନା ପୋଲିସ କହିଛି।

### ଯୁବକଙ୍କ ଆତ୍ମହତ୍ୟା

**ନୟାଗଡ଼ ଅଫିସ,୨୧।୪:** ନୟାଗଡ଼ ସଦର ଥାନା ବାଲୁଗାଁରେ ପାରିବାରିକ ବିବାଦକୁ କେନ୍ଦ୍ରକରି ରବିନ୍ଦ୍ର ସ୍ୱାଇଁ(୪୮) ନାମକ ଜଣେ ଯୁବକ ବେକରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ୫ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନୟାଗଡ଼ ଅଫିସ,୨୧।୪:** ନୟାଗଡ଼ ଜିଲା ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସାମାଜିକକର୍ମୀ ଶୁକ୍ରୁ ବେହେରା, ଉତ୍କଳ ମଣି ଗୋପବନ୍ଧୁ ଦାସ, ରମା ଦେବୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତି ପ୍ରସାଦ ମିଶ୍ର ଓ ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସ, ସଭ୍ୟ ଅର୍ଜୁନ ପରମଗୁରୁ ଓ ପ୍ରସନ୍ନ ରଥ, ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବୈଦ୍ୟନାଥ ଦାଶ ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଫାର୍ମାସିଷ୍ଟ ଦିଲ୍ଲୀପ ସ୍ୱାଇଁଙ୍କ ଉଦ୍ୟମରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧ ଦିବସ



**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ସତ୍ୟ ସୁନ୍ଦର ମିଶ୍ରଙ୍କ ୯ମ ବାର୍ଷିକୀ ଶ୍ରାଦ୍ଧ ଉତ୍ସବ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମିଶ୍ର ଉକ୍ତ କଲେଜର ପ୍ରତିଷ୍ଠାତା ସଭାପତି ଭାବେରେ କାର୍ଯ୍ୟ କରିଥିଲେ। ଏହି ଅବସରରେ କଲେଜ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ କଣ୍ଟିଲୋ ନାଗରିକ ମଞ୍ଚର କର୍ମକର୍ତ୍ତା, ଗ୍ରାମବାସୀ, କଲେଜର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ପୂର୍ବାହ୍ନରେ ସ୍ୱର୍ଗତ ମିଶ୍ରଙ୍କ ପରିବାର ପକ୍ଷରୁ ତାଙ୍କ ପୁଅ ପିୟୁଷ ପ୍ରସାଦ ମିଶ୍ର, ମନୀଷା ପ୍ରସାଦ ମିଶ୍ର କଲେଜ ପରିସରରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହ ନୀଳମାଧବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

# ରାସ୍ତା କଡ଼ରେ ପ୍ରସବ କଲେ ମହିଳା

**ନୟାଗଡ଼ ଅଫିସ,୨୧।୪**



ନବଜାତକକୁ ଧରି ରୁନିଆ ଅଟୋରିକ୍ସାରୁ ଓହ୍ଲାଉଛନ୍ତି ।

- ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଝୁଲୁଥିଲା ତାଲା
- ଦେଢ଼ ଘଣ୍ଟା ବିଳମ୍ବରେ ଆସିଲା ଆମ୍ବୁଲାନ୍ସ

ଶରଣକୁଳ ଲଡୁବାବାଙ୍କ ଧାମରୁ ପୁରୀକୁ ପଡିଥିବା ନୂଆ ଜଗନ୍ନାଥ ସଡ଼କର ଭଞ୍ଜନଗର ଗାଁ ମୁଣ୍ଡରେ ଜଣେ ମହିଳା ରାସ୍ତା ଉପରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି । ବୁଧବାର ଅପରାହ୍ନରେ ଏପରି ଘଟଣା ଦେଖିବାକୁ ମିଳିଛି । ସ୍ଥାନୀୟ କେତେଜଣ ବ୍ୟବସାୟୀଙ୍କ ସହଯୋଗରେ ପ୍ରସୂତିଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣା ବେଳେ ନିକଟରେ ଥିବା ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଥିଲା । ଆମ୍ବୁଲାନ୍ସ ଦେଢ଼ ଘଣ୍ଟା ବିଳମ୍ବ ପହଞ୍ଚିବାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ।

ସୂଚନା ଅନୁଯାୟୀ, ରଣପୁର ବ୍ଲକ କାକଲମା ଗାଁର ରୁନିଆ ସାହୁଙ୍କ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଏକ ଅଟୋରିକ୍ସାରେ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିଲେ । ଖଡିଆ ଗାଁ ନିକଟରେ ରୁନିଆଙ୍କ ପ୍ରସବ ବେଦନା ଅସହ୍ୟ ହୋଇଥିଲା। ତାଙ୍କୁ ଆଉ ଆଗକୁ ନେବା ସମ୍ଭବ ହୋଇ ନ ଥିଲା। ଏହି ସମୟରେ ନିକଟରେ ଥିବା ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଥିଲା । କୌଣସି ଉପାୟ ନ ପାଇ ଚାଳକ ଭଞ୍ଜନଗର ଗାଁ ମୁଣ୍ଡରେ ଅଟୋରିକ୍ସାକୁ ଅଟକାଇ ଥିଲେ । ରୁନିଆ ଯନ୍ତ୍ରଣାରେ ଛଟପଟ ହୋଇ ରାସ୍ତାରେ ଶୋଇପଡିଥିଲେ। ଏମିତି ସ୍ଥିତି ଦେଖି ସ୍ଥାନୀୟ ବ୍ୟବସାୟୀ ରମେଶ ନାୟକ, ସନ୍ତୋଷ ମହାନ୍ତି ପ୍ରମୁଖ ସହଯୋଗର ହାତ ବଢ଼ାଇଲେ । ତଥାପି କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ପାରି ନ ଥିଲା। ଶେଷରେ ରୁନିଆ ରାସ୍ତା କଡ଼ରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଏହାପରେ ସ୍ଥାନୀୟ ଲୋକେ ଜନନୀ ସୁରକ୍ଷା ଆମ୍ବୁଲାନ୍ସକୁ ଫୋନ କରିଥିଲେ । ହେଲେ ଆମ୍ବୁଲାନ୍ସଟି ଦେଢ଼ ଘଣ୍ଟା ବିଳମ୍ବରେ ପହଞ୍ଚି ଥିଲା । ଏହାପରେ ପ୍ରସୂତିଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ରୁନିଆଙ୍କ ସ୍ୱାମୀ ଜଣେ ଭିନ୍ନକ୍ଷମ । ସେ କଥା କହି ପାରନ୍ତି ନାହିଁ । ଶାଶୁ ମଧ୍ୟ ନିରକ୍ଷର । ରୁନିଆ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ସେ ଚୁପ୍ ରହିଥିଲେ। ରୁନିଆଙ୍କ ସହ ଆଶାକର୍ମୀ ନ ଥିଲେ। ଏପରି ସ୍ଥିତିରେ ରୁନିଆ ଅସହାୟ ହୋଇପଡିଥିବା ଦେଖିବାକୁ ମିଳିଥିଲା ।

## ଶ୍ରୀ ଢଙ୍କନାଶନଙ୍କ ସିଂହାସନ ଆରୋହଣ

**ଓଡ଼ଗାଁ, ୨୧।୪(ସ୍ୱ.ପ୍ର.)**

ଶ୍ରୀରାମ ନବମୀ ଅବସରରେ କୋମଣ୍ଡ ଗ୍ରାମରେ ବିଜେ ଶ୍ରୀଢଙ୍କନାଶନ ଦେବଙ୍କ ସିଂହାସନ ଆରୋହଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବହୁବର୍ଷ ତଳେ କୌଣସି କାରଣରୁ ଶ୍ରୀଜୀଉଙ୍କ ମନ୍ଦିରରେ ଅଗ୍ନିକାଣ୍ଡ ଘଟି ଦାରୁ ପ୍ରତିମା ପୋଡ଼ି ଯାଇଥିଲେ । ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଅନୁମୋଦନ କ୍ରମେ ଶ୍ରୀଜୀଉଙ୍କ ପୁନଃ ବିଗ୍ରହ ନିର୍ମାଣ କରାଯାଇଥିଲା । ରବିବାର ଅଙ୍କୁରାରୋପଣ ଓ ଗର୍ଭ ଧାରଣ, ସୋମବାର ଜଳଯାତ୍ରା ଓ କର୍ମାରମ୍ଭ, ମଙ୍ଗଳବାର ନ୍ୟାସ ଓ ବୁଧବାର ଶ୍ରୀଜୀଉଙ୍କୁ ସିଂହାସନ ଆରୋହଣ କରାଯାଇଥିଲା । ଏଥିନିମନ୍ତେ ପୂଜା, ହୋମ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ଶ୍ରଦ୍ଧାଳଙ୍କ ସମାଗମ ହୋଇଥିଲା । ନୟାଗଡ ଗଡଜାତର ରାଜକୁମାର ଅରଣ୍ୟରାଜ କିଶୋର ସିଂହ, ଖଣ୍ଡପଡ଼ା ଯୁବରାଜ ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଭାଜପା ନେତ୍ରୀ ଇରାନୀ ରାୟ ପ୍ରମୁଖ ଶ୍ରୀଜୀଉଙ୍କ ସିଂହାସନ ଆରୋହଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ମିଳୁନି ଟିକା, ସାଧାରଣରେ ଅସନ୍ତୋଷ

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର)**

ମହାମାରୀ କରୋନାର ୨ୟ ଲହର ଏବେ ସାଧାରଣରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି। କରୋନା କଟକଣା ପ୍ରଶାସନ ପକ୍ଷରୁ କଡାକଡି ଭାବେ ପାଳନ କରାଯାଉଥିବା ବେଳେ ରାତ୍ର କାଳୀନ କର୍ଫ୍ୟୁ ଏବେ ବଳବତ୍ତର ରହିଛି। ଏଭଳି ସଙ୍ଗୀନ ପରିସ୍ଥିତିରେ କରୋନା ଟିକାର ଅଭାବ ଯୋଗୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଗଡିଆସାହି, କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଟିକାଦାନ ବାଧାପ୍ରାପ୍ତ ହୋଇଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମାର୍ଚ୍ଚ ୧୫ରୁ ବରିଷ୍ଠ ବାଗରିକମାନଙ୍କୁ ପ୍ରଥମେ ଟିକା ଦିଆଯିବା ପରେ ପରବର୍ତ୍ତୀ ସମୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ପ୍ରଦାନ କରାଯାଇଥିଲା। ମାତ୍ର ଟିକା ଅଭାବରୁ ଏବେବି ଗାଁ ଗଣ୍ଡା ଓ ସହରାଞ୍ଚଳରେ ଶତାଧିକ ବରିଷ୍ଠ ନାଗରିକ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେଇ ନ ଥିବା ଜଣାପଡିଛି। ସେହିପରି ଅନେକ ବରିଷ୍ଠ ନାଗରିକ ପ୍ରଥମ ଥର ଟିକା ନେଇଥିଲେ ହେଁ ୨୮ ଦିନ ପରେ ୨ୟ ଥର ପାଇଁ ଟିକା ନେଇ ପାରି ନ ଥିବା ଅଭିଯୋଗ ହେଉଛି। ସେହିପରି ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ଦେଖିବାକୁ ମିଳିଛି। ଟିକା କେବେ ଆସିବ ଓ ଦିଆଯିବ ବୋଲି ପଚାରିଲେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରୁନାହାନ୍ତି। ଫଳରେ ଅଞ୍ଚଳବାସୀ ଏ ନେଇ ଆଶା ଆଶାଙ୍କାରେ ଦିନ କାଟୁଛନ୍ତି। ବରିଷ୍ଠ ନାଗରିକ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେବାରୁ ବଞ୍ଚିତ ହୋଇଥିବା ବେଳେ ଆସନ୍ତା ମେ ୧ରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବତୀଯୁବକମାନଙ୍କୁ ଟିକାଦାନ ନିମନ୍ତେ ସରକାରଙ୍କ ଘୋଷଣାର ସଫଳତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଖଣ୍ଡପଡା ବ୍ଲକ ଅଞ୍ଚଳକୁ ପର୍ଯ୍ୟାପ୍ତ ପରିମାଣର ଟିକା ଯୋଗାଇ ଦେବାକୁ ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା ଦାବି ଲରିଛନ୍ତି।

## ଦରଦାଠାରେ ବାସନ୍ତିକ ଦୁର୍ଗାପୂଜା, ରାମନବମୀ



ବାସନ୍ତିକ ଦୁର୍ଗାପୂଜା ଅବସରରେ ହୋମଯଜ୍ଞ ଚାଲିଛି।

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦରଦା ଗ୍ରାମସ୍ଥିତ ମହିଷାସୁରୀ ପୀଠରେ ସୋମବାର ଚୈତ୍ର ୭ମୀଠାରୁ ବୁଧବାର ନବମୀ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାସନ୍ତିକ ଦୁର୍ଗାପୂଜା ପାରମ୍ପରିକ ରୀତିନୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ମହୁଲପଡା, ଦରଦା ଗ୍ରାମବାସୀଙ୍କ ପକ୍ଷରୁ ୩ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଛି। ପ୍ରଥମ ଦିନ ବାଦୀ ଦୁଆରୀ, ରାତିରେ ରାମ ନାଟକ ଓ ବୁଧବାର ଉଦ୍‌ଯାପନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମ ନାଟକ ସହ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଯାଇ ପ୍ରତ୍ୟେକଙ୍କ ଦୁଆରେ ଭୋଗ ଲାଗି ହୋଇଥିଲା। ଏଠାର ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯାତ୍ରାକୁ ଉପଭୋଗ କରିଥିଲେ। ଏହାଛଡା ଗ୍ରାମ ନିକଟରେ ଥିବା ବାତରା ମଠରେ ବୁଧବାର ଶ୍ରୀରାମ ନବମୀ ଅବସରରେ ମଠାଧିଷ୍ଠ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅପରପକ୍ଷରେ ଖଣ୍ଡପଡା ସହରର ରଘୁନାଥ ମନ୍ଦିର, ବକୁଳ ମହାବୀର ପୀଠ, ଗୁଣ୍ଡୁଣୀ, ମର୍ଦ୍ଦରାଜପୁର, କଣ୍ଟିଲୋ ଶ୍ରୀନୀଳମାଧବ ପୀଠ ଓ ରଘୁନାଥ ଜୀଉଙ୍କ ମନ୍ଦିର, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ମନ୍ଦିରରେ ଓ ପଦ୍ମାବତୀ ପଞ୍ଚାୟତ ଅନ୍ତର୍ଗତ ହନୁମନ୍ତପ୍ରସାଦ ଗ୍ରାମର ଶ୍ରୀରାମ ପୀଠ ତଥା ଝରଣା ଆଶ୍ରମଠାରେ କୋଭିଡ କଟକଣା ଅନୁଯାୟୀ, ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବିଗ୍ରହମାନଙ୍କର ନୀତିକାନ୍ତି ଶେଷ କରାଯାଇ ଭୋଗ ଲାଗି କରାଯାଇଥିଲା। ପ୍ରଶାସନ ପକ୍ଷରୁ କରୋନା କଟକଣା ଲାଗୁ କରାଯାଇଥିବାରୁ ଚଳିତବର୍ଷ ମଠ ଓ ମନ୍ଦିରଗୁଡିକରେ ଆଉ ଭକ୍ତଙ୍କ ଭିଡ ଦେଖିବାକୁ ମିଳି ନ ଥିଲା। ଖଣ୍ଡପଡା ସହରର ରଥଗଡା ଛକରେ ରାଜରାଜୁଡା ଅମଳରୁ ଅନୁଷ୍ଠିତ ହୋଇ ଆସୁଥିବା ରାମଲୀଳା କୋଭିଡ କଟକଣା ଯୋଗୁଁ ଚଳିତବର୍ଷ ଫିକା ପଡିଯାଇଛି। କେବଳ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ମଧ୍ୟରେ ରାମଲୀଳା ପ୍ରଥା ସୀମିତ ରହିବ ବୋଲି ସୂଚନା ମିଳିଛି। ଆଜି ରାମ ନବମୀ ଉତ୍ସବ ଅବସରରେ ସିଧାମୂଳାସ୍ଥ ଜଗନ୍ନାଥ ଜୀଉଙ୍କ ମନ୍ଦିର ପରିସରରେ ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ହୋମଯଜ୍ଞ ଓ ଗୀତାପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଗଙ୍ଗାଧର ଷଡଙ୍ଗୀ, ପୁରୋଧା ଭାବେ ଉଦ୍ୟନାଥ ମିଶ୍ର, ବନମାଳୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀରାମ ପୀଠରେ ଏହି ଉପଲେକ୍ଷ ଏକ ତିନିଦିନିଆ ଉତ୍ସବ ଅନୁଷ୍ଠିତ ହେଉଛି।

## କରୋନାରେ ପ୍ରବାସୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ଅଧୀନ ବୋଦସା ଗ୍ରାମର ପ୍ରବାସୀ ମାନସ ପ୍ରଧାନ(୪୦)ଙ୍କର କରୋନାରେ ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ମାନସ ସପରିବାର ସହ ଗୁଜରାଟର ସୁରଟରେ ରହୁଥିବା ବେଳେ ୩ଦିନ ଧରି କରୋନା ରେ ଆକ୍ରାନ୍ତ ହୋଇଥିଲେ। ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବା ସହ ତାଙ୍କର ଅକାଳ ମୃତ୍ୟୁ ହୋଇଥିବା ଜଣାଯାଇଛି। ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ବୋଦସା ପଞ୍ଚାୟତରେ ଶୋକର ଛାୟା ଖେଳି ଯାଇଛି।

## ସ୍ୱାମୀଙ୍କ ସହ ପାଟିତୁଣ୍ଡ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା

**ନୟାଗଡ଼ ଅଫିସ,୨୧।୪**

ନୟାଗଡ଼ ଜିଲା ଫତେଗଡ଼ ଥାନା ବନମାଳୀପୁର ପଞ୍ଚାୟତ ବାହାଡା ଗାଁରେ ମୀନା ଦଳେଇ(୨୪) ନାମକ ଜଣେ ମହିଳା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି । ତାଙ୍କ ସ୍ୱାମୀ ପବିତ୍ର ଦଳେଇ କେରଳରେ କାମ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ମୀନାଙ୍କ ସହ କଥା ହୋଇଥିଲେ । କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ମୀନା ଏପରି ପଦକ୍ଷେପ ନେଇଥିବା ଜଣାପଡିଛି। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି । ଫତେଗଡ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୬/୨୧) ରୁଜୁ କରି ତଦନ୍ତ କରୁଛି । ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଦମ୍ପତିଙ୍କ ଏକ ଅଢ଼େଇ ବର୍ଷର ପୁଅ ଅଛି।

## ଦଶପଲ୍ଲାରେ ଶ୍ରୀରାମନବମୀ



**ଦଶପଲ୍ଲା,୨୧।୪(ଡି.ଏନ.ଏ.)**

କୋଭିଡ୍ କଟକଣା ଯୋଗୁ ଗତବର୍ଷ ଭଳି ଚଳିତ ବର୍ଷ ମଧ ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରାକୁ ବନ୍ଦ କରାଯାଇଛି । କେବଳ ମନ୍ଦିରରେ ନୀତିକାନ୍ତି କରାଯିବା ଲାଗି ଯାତ୍ରା କମିଟି ସଭାପତି ବିଧାୟକ ରମେଶ ଚନ୍ଦ୍ର ବେହେରା, ଉପସଭାପତି ତଥା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ସମ୍ପାଦକ ପରେଶ କୁମାର ସିଂ ପ୍ରମୁଖ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର ଶ୍ରୀ ରାମ ଜନ୍ମ ଉତ୍ସବ ବୈଦିକ ମତେ ପାଳନ କରାଯାଇଛି । ପରମ୍ପରା ଅନୁଯାୟୀ ଦାସୀ ପରିବାରଙ୍କ ସହାୟତାରେ ମହାରାଣୀ କୌଶଲ୍ୟା ଶ୍ରୀରାମଙ୍କୁ ଜନ୍ମ ଦେବା ପରେ ତାଙ୍କ ନାଭି ଛେଦନ ଏବଂ ଖିରପାନ ବିଧି କରାଯାଇଥିଲା। ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଉପସ୍ଥିତିରେ ଜଣେ ପରେ ଜଣେ ଭକ୍ତ ମାସ୍କ ପିନ୍ଧି ଭୋଗ କରିଥିଲେ। ସୂର୍ଯ୍ୟମଣି ଦାଶ( ଟିକି) ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ସେହିପରି ଦୁର୍ଗାବଜାରସ୍ଥିତ ରାମ ମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ନୀତି ପାଳିତ ହୋଇଥିଲା।

## କରୋନା ନେଇ ୪ ବ୍ଲକରେ ସମୀକ୍ଷା

**ନୟାଗଡ଼ ଅଫିସ,୨୧।୪**

କରୋନା କଟକଣାକୁ କଡାକଡି କରିବାକୁ ନୟାଗଡ଼ ଜିଲାପାଳ ପୋମା ଟୁଡୁ ନୟାଗଡ଼, ନୂଆଗାଁ, ଓଡ଼ଗାଁ ଓ ରଣପୁର ବ୍ଲକ ସ୍ଥିତ ସମ୍ପର୍କରେ ଜୁମ୍‌ଆପରେ ସମୀକ୍ଷା କରିଛନ୍ତି । ଜିଲାକୁ ପ୍ରବାସୀ ଶ୍ରମିକ ଫେରିବାକୁ ଥିବାରୁ ସେମାନଙ୍କ ରହିବା, କରୋନା ପରୀକ୍ଷଣ ନେଇ ଆଲୋଚନା ହୋଇଥିଲା । ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲାର ତହସିଲଦାର, ବିଡିଓ, ପୌର ନିର୍ବାହୀ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ । କରୋନା କଟକଣାକୁ ଅଣଦେଖା କରୁଥିବା ଲୋକଙ୍କ ବିରୋଧରେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଗଛରେ ପିଟି ହେଲା ବାଇକ୍, ଜଣେ ମୃତ

**ନୟାଗଡ଼ ଅଫିସ,୨୧।୪**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଲୁଣିଝରା ଠାରେ ରାସ୍ତାପାର୍ଶ୍ୱ ଗଛରେ ଏକ ବାଇକ୍ ଭାରସାମ୍ୟ ହରାଇ ପିଟି ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ମୃତକ ହେଲେ ଦଶପଲ୍ଲା ଏନଏସି ତେନ୍ତୁଳିପାଟଣାର ଶିଶିର ବେହେରା(୨୩) । ଆହତଦ୍ୱୟ ହେଲେ ଦଶପଲ୍ଲାର ଖଦାଳ ବେହେରା ଓ ସୁଦୀପ୍ତ ବେହେରା । ଉଭୟଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି । ବୁଧବାର ଶିଶିର, ଖଦାଳ ଓ ସୁଦୀପ୍ତ ନୟାଗଡ଼ରୁ ଦଶପଲ୍ଲାକୁ ଯିବାବେଳେ ଏହି ଏହି ଦୁର୍ଘଟଣା ଘଟିଛି। ନୂଆଗାଁ ଥାନା ପୋଲିସ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ଅବାଧରେ ଚାଲିଛି ମଦ୍ୟପାନ : ପୋଲିସ, ଅବକାରୀ ବିଭାଗ ଚୁପ୍

**ନୟାଗଡ଼ ଅଫିସ,୨୧।୪**

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳାସ୍ଥିତ ବିଦେଶୀ ମଦ ଦୋକାନରେ ଚାଲିଛି ଅବାଧରେ ମଦ୍ୟପାନ । ଏହି ଦୋକାନଟି ଠିପି ବନ୍ଦ ମଦ ଦୋକାନର ଲାଇସେନ୍ସ ପାଇଛି । ହେଲେ ପ୍ରତିଦିନ ମଦ୍ୟପାନର ଆସର ଜମୁଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀ ଦେଖି ନ ଦେଖିଲା ପରି ରହୁଛନ୍ତି । ଏପରି କି କରୋନା କଟକଣା ସମୟରେ ବି ଗ୍ରାହକମାନେ ସାମାଜିକ ଦୂରତା ରଖୁ ନାହାନ୍ତି କି ମାସ୍କ ପିନ୍ଧୁ ନାହାନ୍ତି। ସେହିଭଳି ରାତି ୧୧ଟାରୁ ୧୨ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହୁଛି । ପ୍ରିଣ୍ଟ ରେଟଠାରୁ ୧୦ରୁ ୩୦ ଟଙ୍କା ପର୍ଯ୍ୟନ୍ତ ଅଧିକ ନିଆଯାଉଛି। ଏ ସଂକ୍ରାନ୍ତରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ଦାସ କୁହନ୍ତି, ମୁଁ ଅଭିଯୋଗ ପାଇ ନ ଥିଲି । ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି । ଅନ୍ୟ ଅଭିଯୋଗକୁ ବିଭାଗ ପକ୍ଷରୁ ଗୁରୁତର ସହ ନିଆଯିବ ବୋଲି ସେ କହିଛନ୍ତି ।

## ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ

**ଓଡ଼ଗାଁ,୨୧।୪(ସ୍ୱ.ପ୍ର.)**



- କରୋନା କଟକଣା ଯୋଗୁ ମନ୍ଦିର ବନ୍ଦ
- ସିଂହଦ୍ୱାରରୁ ଦର୍ଶନ କଲେ ଶ୍ରଦ୍ଧାଳୁ

ନୟାଗଡ଼ ଜିଲା ଓଡ଼ଗାଁର ଶ୍ରୀରଘୁନାଥଜୀଉଙ୍କ ଶ୍ରୀରାମ ଜନ୍ମ ନୀତି କରୋନା କଟକଣା ମଧ୍ୟରେ ବୁଧବାର ସମ୍ପନ୍ନ ହୋଇଛି । ଶ୍ରୀରାମନବମୀ ଅବସରରେ ବୁଧବାର ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ଅବକାଶ, ଖଟନୀ, ବଲ୍ଲଭ ଭୋଗ ଲାଗି ପରେ ସକାଳ ଖେଚୁଡି ଭୋଗ ସମ୍ପନ୍ନ ହୋଇଥିଲା । ମନ୍ଦିର ଚାରିପାଖ ବନ୍ଦ କରାଯିବା ପରେ ଦିନ ୧୦ରୁ ଶ୍ରୀଜୀଉଙ୍କ ଜନ୍ମନୀତି ଆରମ୍ଭ ହୋଇଥିଲା । ମଧ୍ୟାହ୍ନରେ ମାତା କୌଶଲ୍ୟାଙ୍କ ଗର୍ଭଶୂଳଠାରୁ ଶ୍ରୀରାମଙ୍କ ନାଭି ଛେଦନ ପର୍ଯ୍ୟନ୍ତ ଜନ୍ମ କର୍ମ ପଣ୍ଡିତ ଓ ସେବାୟତଙ୍କ ଦ୍ୱାରା ଶେଷ କରାଯାଇଥିଲା । ଅପରାହ୍ନ ୧ଟାରେ ପ୍ରଭୁଙ୍କ ଆଗମନ ବେଳାରେ କର୍ମାଙ୍ଗ ପଣ୍ଡିତଗଣ ମନ୍ଦିରର ରୀତିନୀତି ଅନୁସାରେ ବେଦ ମନ୍ତ୍ର ଉଚ୍ଚାରଣ କରିଥିଲେ । ମନ୍ଦିର ବାହାରେ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରଭୁଙ୍କ ଆଗମନକୁ ସ୍ୱାଗତ କରାଯାଇଥିଲା । ଶ୍ରୀରାମଙ୍କ ଆବିର୍ଭାବ, ନାଭି ଛେଦନ ଓ ସ୍ନାନାଦି କାର୍ଯ୍ୟ ସମ୍ପନ୍ନ କରାଯାଇ ରାମଲାଲାଙ୍କୁ ଝୁଲାକୁ ନିଆଯାଇଥିଲା । ବହୁ ନିଃସନ୍ତାନ ମହିଳା ଶ୍ରୀରାମଙ୍କ ନାଭି ପ୍ରସାଦ ସେବନ କରିବାକୁ ନିଷ୍ଠାର ସହିତ ବାହାରେ ଅପେକ୍ଷା କରିଥିଲେ । ସନ୍ଧ୍ୟାରେ ମନ୍ଦିର ପରମ୍ପରା ଅନୁସାରେ ଜନ୍ମ ନାରାୟଣ ବେଶରେ ଶ୍ରୀଜୀଉ ସିଂହାସନରେ ବିରାଜମାନ କରିଥିଲେ । ହେଲେ ମନ୍ଦିରକୁ ପ୍ରବେଶ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାରା ସମ୍ମୁଖରୁ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ ।

ପୂଜକ ପରିଷଦ ସଭାପତି ତଥା ପାଳିଆ ପଣ୍ଡା ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ, ମନ୍ଦିର ପୁରୋଧା ଶିବରାମ ଷଡଙ୍ଗୀଙ୍କ ସମେତ ପୂଜକ, ସୁଆର ପରିଷଦ ସଦସ୍ୟମାନେ କରୋନା କଟକଣା ମଧ୍ୟରେ ଶ୍ରୀରାମ ଲାଲାଙ୍କ ଜନ୍ମ ବିଧି ସମ୍ପନ୍ନ କରିଥିଲେ । ତହସିଲଦାର ବିଜୟିତା ସାମନ୍ତସିଂହାର, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦେବୋତ୍ତର କମିଶନର ଚିତ୍ତରଞ୍ଜନ ମହାପାତ୍ର ଶ୍ରୀଜୀଉଙ୍କ ଜନ୍ମ କର୍ମାଙ୍ଗ ସମୟରେ ଉପସ୍ଥିତ ଥିଲେ। ମନ୍ଦିର ବେଢାରେ କିଛିବର୍ଷ ହେଲା ପଡିଥିବା ମାର୍ବଲକୁ ଶୀଘ୍ର ଉଠାଇବାକୁ ମନ୍ଦିର ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଥିଲେ ।